بسم الله الرحمن الرحيم

**ଖୁତ୍‌ବା ଜୁମା ୫ ଅଗଷ୍ଟ ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲ୍‌ଫୋର୍ଡ ୟୁ.କେ**

# ଜଲସା ସାଲାନା ବ୍ରିଟେନ୍ ଉପଲକ୍ଷେ ଅତିଥି ସତ୍କାରକ ଓ ଅତିଥିଙ୍କ ନିମନ୍ତେ ଅତିମହତ୍ୱପୂର୍ଣ୍ଣ ଉପଦେଶ ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଊଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜ଼ିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ; ବିଗତ ଦୁଇ ବର୍ଷ ପରେ ପୁନର୍ବାର ଜଲସା ସାଲାନା ବ୍ୟାପକ ଭାବରେ ଆୟୋଜିତ ହେଉଅଛି । ଯଦିଓ ବିଗତ ବର୍ଷ ଅର୍ଥାତ ୨୦୨୧ ମସିହାରେ ମଧ୍ୟ ଜଲସା ସାଲାନା ଆୟୋଜିତ ହୋଇଥିଲା । କିନ୍ତୁ ତାହା ସୀମିତ ସଂଖ୍ୟକ ଲୋକଙ୍କୁ ନେଇ ଆୟୋଜିତ ହୋଇଥିଲା । ଅତଏବ ଚଳିତ ବର୍ଷ ମଧ୍ୟ ବ୍ରିଟେନ୍‌ର ଜଲସା ସାଲାନା ଆୟୋଜିତ ହେବାକୁ ଯାଉଛି ଏବଂ ବାହାରୁ ମଧ୍ୟ ଖୁବ୍ ସ୍ୱଳ୍ପ ସଂଖ୍ୟକ ଅତିଥିମାନେ ସାମିଲ୍ ହେଉଅଛନ୍ତି । କିନ୍ତୁ ତିନି ଦିନ **ଇନ୍‌ଶାଅଲ୍ଲାଃ** ବ୍ରିଟେନ୍‌ର ସମସ୍ତ ଜମାଅତ୍‌କୁ ଜଲସାରେ ସମ୍ମିଳିତ ହେବାକୁ ଅନୁମତି ପ୍ରଦାନ କରାଯାଉଛି ଏବଂ **ଇନ୍‌ଶାଅଲ୍ଲାଃ** ଆଶା କରୁଛି ସମସ୍ତ ଜମାଅତ୍ ଉକ୍ତ ଜଲସାରେ ସାମିଲ ହେବେ । ସେହିପରି ଆଶା କରାଯାଉଛି ଯେ, **ଇନ୍‌ଶାଅଲ୍ଲାଃ** ଚଳିତ ବର୍ଷ ଜଲସାରେ ଲୋକମାନଙ୍କର ଉପସ୍ଥିତି ଭଲ ରହିବ । ଯେପରିକି ଆମେମାନେ ସମସ୍ତେ ଜାଣୁ ଯେ କୋଭିଡ ମହାମାରୀ ଯୋଗୁଁ ନିୟମିତ ଜଲସା ସାଲାନାର ପରମ୍ପରାମୂଳକ କ୍ରମବଦ୍ଧତାକୁ ଭଙ୍ଗ କରିବାକୁ ପଡ଼ିଥିଲା ଏବଂ ଜଲସାର କଲ୍ୟାଣରୁ ଆମେମାନେ ନିୟମିତ ରୂପେ ଉପକୃତ ହୋଇପାରି ନଥିଲୁ । କହିବାକୁ ଗଲେ ଗୋଟିଏ ବର୍ଷ ତ' ସଂପୂର୍ଣ୍ଣ ରୂପେ ଉପକୃତ ହୋଇପାରି ନଥିଲୁ । ବରଂ ଆମେମାନେ ତହିଁରୁ ବଞ୍ଚିତ ରହିଯାଇଥିଲୁ ।

ପ୍ରିୟ ହୁଜୁର ଅନୱର ଅ.ବ କହିଲେ; ଜଲସାରେ ସମସ୍ତ ସମ୍ମିଳିତ ହେବାକୁ ଥିବା ଅହେମଦିଙ୍କୁ ସତର୍କତାମୂଳକ ପନ୍ଥା ଅବଲମ୍ବନ କରିବା, ଅର୍ଥାତ ମାସ୍କ ପିନ୍ଧିବା, ସେହିପରି ଗମନାଗମନ ତଥା ଯାତାୟତ ସମୟରେ ଜମାଅତ୍ ପକ୍ଷରୁ ବ୍ୟବସ୍ଥା ହୋଇଥିବା ହୋମିଓପ୍ୟାଥି ଔଷଧର ବ୍ୟବହାର ବାଧ୍ୟତାମୂଳକ କରିବା ପ୍ରତି ଅନୁପ୍ରାଣିତ କରିବା, ସେହିପରି ଜଲସାରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାଚାରୀ କର୍ମୀମାନଙ୍କୁ ଅତି ମହତ୍ୱପୂର୍ଣ୍ଣ ଉପଦେଶ ଦେଇ ହୁଜୁର ଅନୱର ଅ.ବ କହିଲେ; ସେହି ସ୍ୱେଚ୍ଛାସେବୀ କର୍ମୀମାନେ ଯେଉଁମାନେ ନିଜର ସମୟକୁ ହ. ମସିହ୍ ମଉଦ ଅ.ସଙ୍କ ଅତିଥିଙ୍କ ସକାଶେ ଉତ୍ସର୍ଗ କରନ୍ତି, ସାଧାରଣତଃ ମୁଁ ଏକ ସପ୍ତାହ ପୂର୍ବରୁ କେତେକ କଥା ପ୍ରତି ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ । ଯଦିଓ ମୁଁ ବିଗତ କେତେକ ଖୁତ୍‌ବାରେ ଏଥିପ୍ରତି ଧ୍ୟାନ ଆକର୍ଷିତ କରିପାରି ନାହିଁ, ତେଣୁ ଆଜି ଏ ସଂପର୍କରେ କେତେକ କଥା ଆପଣମାନଙ୍କୁ କହିବି । ସୁତରାଂ ଆମେମାନେ ଯଦି ଏହି କଥା ପ୍ରତି ଧ୍ୟାନ ଦେଉ ତେବେ ଜଲସାର ପ୍ରକୃତ ପରିବେଶରୁ **ଇନ୍‌ଶାଅଲ୍ଲାଃ** ଲାଭାନ୍ୱିତ ହେବୁ । ହ. ମସିହ୍ ମଉଦ୍ ଅ.ସଙ୍କ କଥନ ଅନୁଯାୟୀ **'ଏହି ଜଲସା କୌଣସି ସାଂସାରିକ ମେଳା ନୁହେଁ । ବରଂ ଅଲ୍ଲାଃତାଲା ଓ ରସୁଲୁଲ୍ଲାଃ ସ.ଅଙ୍କ କଥାକୁ ଶୁଣିବା ଏବଂ ତଦନୁଯାୟୀ ନିଜକୁ ପରିଚାଳିତ କରିବା ପାଇଁ ଆମେମାନେ ଏଠାରେ ଏକତ୍ରିତ ହୋଇଥାଉ ଏବଂ ହୋଇଛେ' ।**

ହୁଜୁର ଅନୱର ଅ.ବ କହିଲେ : ଜଲସାର କାର୍ଯ୍ୟ ଓ ପ୍ରସ୍ତୁତି କେବଳ ତିନି ଦିନରେ ହୋଇ ନଥାଏ । ବରଂ ଏହାର କାର୍ଯ୍ୟ ଓ ପ୍ରସ୍ତୁତି ଅନେକ ସପ୍ତାହ ପୂର୍ବରୁ ହିଁ ଆରମ୍ଭ ହୋଇଯାଇଥାଏ । ବର୍ତ୍ତମାନ ଏମ୍.ଟି.ଏ ନିଜର ଖବରରେ ଛୋଟ ଛୋଟ କ୍ଲିପସ୍ ଆକାରରେ ଏହାର ବିଭିନ୍ନ ଦୃଶ୍ୟକୁ ପ୍ରଦର୍ଶିତ କରିଥାଏ ଯେ କିଭଳି ସମସ୍ତ କାର୍ଯ୍ୟ ଆରମ୍ଭ ହୋଇଥାଏ । ନିଃସନ୍ଦେହ ରୂପେ ଆଉ କେତେକ କାର୍ଯ୍ୟ ବାହାରର କମ୍ପାନୀ ଓ ଠିକାଦାରଙ୍କ ମାଧ୍ୟମରେ କରାଯାଇଥାଏ । କିନ୍ତୁ ଏହା ବ୍ୟତୀତ ଆହୁରି ଅନେକ କାର୍ଯ୍ୟ ରହିଛି ଯାହା ପାଇଁ ବ୍ୟକ୍ତି ସମୂହଙ୍କର ସହଯୋଗ ନିତ୍ୟାନ୍ତ ଆବଶ୍ୟକ । ଏହି ଲୋକବଳ ସ୍ୱେଚ୍ଛାସେବୀମାନେ ହିଁ ନିଜର ବହୁମୂଲ୍ୟ ସମୟ, ଏସବୁ ସେବା ଦେଇ ସମ୍ପାଦନ କରି ଥାଆନ୍ତି । ସାଂସାରିକ ସଂସ୍ଥାମାନେ ଏହି ପ୍ରଚେଷ୍ଟା କରନ୍ତି ଯେ, ପାରିଶ୍ରମିକ ନନେଇ ମାଗଣାରେ ଏହିପରି କେହି ସ୍ୱେଚ୍ଛାସେବୀ ବ୍ୟକ୍ତି ମିଳନ୍ତୁ

ଯେଉଁମାନେ ସ୍ୱଇଚ୍ଛାରେ ଆସି ସେମାନଙ୍କର କାର୍ଯ୍ୟ ସମ୍ପାଦନ କରି ଦିଅନ୍ତେ କି ? କିନ୍ତୁ ଜମାଅତ୍ ଅହେମଦିୟାର ଇତିହାସ ଏହାର ବିପରୀତ ଉଦାହରଣ ଉପସ୍ଥାପିତ କରେ । ଅର୍ଥାତ ଜଲସାରେ ସ୍ୱେଚ୍ଛାକୃତ ଭାବରେ ତଥା ସ୍ୱଇଚ୍ଛାରେ କାର୍ଯ୍ୟ କରିବା ପାଇଁ ଏତେ ସଂଖ୍ୟକ ସ୍ୱେଚ୍ଛାସେବୀମାନେ ଆଗେଇ ଆସନ୍ତି ଯେ, ସେମାନଙ୍କୁ ଚୟନ କରିବା କ୍ଷେତ୍ରରେ ଜମାଅତ୍‌କୁ ନାନ ପ୍ରକାରର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଅର୍ଥାତ ଏହି ସ୍ୱେଚ୍ଛାସେବୀମାନଙ୍କୁ କିପରି ସମ୍ଭାଳିବୁ ।

ହୁଜୁର ଅନୱର୍ ଅ.ବ କହିଲେ ଅତିଥି ବିଭାଗକୁ ଆଗାମୀ ଦିନ ପାଇଁ ଏହି କଥାକୁ ନୋଟ୍ କରିବା (ସ୍ମରଣ ରଖିବା) ଉଚିତ୍ ଯେ, ଜଲସା ସାଲାନା ଅନୁଷ୍ଠିତ ହେବା ପୂର୍ବରୁ ଅବା ଜଲସା ସାଲାନା ସମାପ୍ତ ହେବା ପରେ ୱକାରେ ଅମଲ୍‌ର (ସଫେଇ ଅଭିଯାନ) ଯେଉଁ କାର୍ଯ୍ୟକ୍ରମ ରହିଛି ତାହା ସାମୂହିକ ରୂପେ ଅନୁପ୍ରାଣିତ କରିବା ଦ୍ୱାରା ହିଁ ଆୟୋଜିତ ହୋଇଥାଏ । ଯଦି ତହିଁରେ କୌଣସି ସମସ୍ୟା ଉପୁଜେ ତେବେ ସେ କ୍ଷେତ୍ରରେ ଜମାଅତ୍‌ର ବ୍ୟବସ୍ଥାପକ ବିଭାଗକୁ ଏଥି ନିମନ୍ତେ ପୂର୍ବ ପ୍ରସ୍ତୁତି ଏବଂ ଆୟୋଜନ କରିବା ଉଚିତ । ଗତ ରବିବାର ଦିନ ଏତେ ସଂଖ୍ୟକ ସ୍ୱେଚ୍ଛାସେବୀ କର୍ମୀମାନେ ୱକାରେ ଅମଲ୍ ପାଇଁ ହଦିକତୁଲ୍ ମେହଦୀ ଠାରେ ଆସି ଏକତ୍ରିତ ହୋଇ ଯାଇଥିଲେ ଯେ, ବ୍ୟବସ୍ଥାପିକା କମିଟି ଆଶା କରି ନଥିଲା । ମୋତେ ଏହି ସୂଚନାଟି ମଧ୍ୟ ପ୍ରାପ୍ତ ହୋଇଛି ଯେ ସେମାନଙ୍କ ପାଇଁ ସଠିକ୍ ଭୋଜନର ବ୍ୟବସ୍ଥା ମଧ୍ୟ ହୋଇପାରି ନଥିଲା । ତଥାପି ବ୍ୟବସ୍ଥାପିକା କମିଟି ପକ୍ଷେ ଏହା ଉଚିତ ଥିଲା କି ସେମାନେ ଏହା ଅନୁଧ୍ୟାନ କରି ନେଇଥାଆନ୍ତେ ଯେ ୱକାରେ ଅମଲରେ କେତେ ଲୋକ ଆସିଛନ୍ତି, ସେହି ଅନୁସାରେ ପୂର୍ବ ପ୍ରସ୍ତୁତି କରି ନେଇଥାଆନ୍ତେ (ତେଣୁ ଏହି ଦାୟିତ୍ୱଟି ଅତିଥି ବିଭାଗ ଓ ତାହାର କର୍ମକର୍ତ୍ତାଙ୍କର ଯେ ସେମାନେ ଲୋକମାନଙ୍କ ସଂଖ୍ୟା ଦେଖି ପୂର୍ବ ପ୍ରସ୍ତୁତି କରିବା ଉଚିତ୍) । ଏହି ସ୍ୱେଚ୍ଛାସେବୀମାନେ ଯେଉଁମାନେ ସକାଳୁ ସେଠାରେ କାର୍ଯ୍ୟ କରୁଥିଲେ ସେମାନଙ୍କ ଭୋଜନ ନିମନ୍ତେ ବ୍ୟବସ୍ଥା କରିବାର ଥିଲା । ମୋ ବିଚାରରେ ଯେତେବେଳେ ମୁଁ ଗତ ଖୁତବାର ଶେଷରେ ଜଲସା ସାଲାନା ସଂପର୍କରେ ଓ ଯେଉଁମାନେ କାର୍ଯ୍ୟ ସମ୍ପାଦନକାରୀ ଅଟନ୍ତି ସେମାନଙ୍କ ପାଇଁ ମଧ୍ୟ ଦୁଆ କରିବାକୁ କହିଥିଲି, ତେବେ ସେମାନେ ଶୀଘ୍ରାତିଶୀଘ୍ର ସେବାକୃତ ମନୋଭାବ ନେଇ ନିଜକୁ ଉପସ୍ଥାପିତ କରିଦେଇ ଥିଲେ । କିନ୍ତୁ ସେ ଯାହା ହେଉ ନା କାହିଁକି ବ୍ୟବସ୍ଥାପିକା କମିଟି ପକ୍ଷେ ଏହା ଉଚିତ ଥିଲା କି ବିଶେଷ କରି ସପ୍ତାହର ଯେଉଁ ଛୁଟି ଦିନ ରହିଛି ତହିଁରେ ଏକ ବିଶେଷ ଆୟୋଜନ ରଖନ୍ତୁ । ଏହିପରି ଭାବରେ ଅତିଥି ସତ୍କାରକ ବିଭାଗର ଏହି କାର୍ଯ୍ୟ ରହିଛି ଯେ ଜଲସା ସାଲାନା ଦିନଗୁଡ଼ିକରେ ସଠିକ୍ ମାତ୍ରାରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ । ସେହିପରି ଅତିଥି ସତ୍କାରକର ଏହି ଦାୟିତ୍ୱ ରହିଛି ଯେ, ଯେଉଁ ଅତିଥିମାନେ ଜଲସାକୁ ଆସୁଛନ୍ତି ସେମାନଙ୍କର ସଂପୂର୍ଣ୍ଣ ଯତ୍ନ ନେବା ସଙ୍ଗେସଙ୍ଗେ ଅତିଥି ସେବା ମଧ୍ୟ କରନ୍ତୁ ।

ସେହିପରି ମୁଁ ଜଲସାରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କୁ ଏହା ମଧ୍ୟ କହିଦେବାକୁ ଚାହୁଁଛି ଯେ ଜଲସାର ଏହି ତିନି ଦିନରେ ହ. ମସିହ୍ ମଉଦ୍ ଅ.ସଙ୍କ ଅତିଥିଙ୍କର ଏହି ଉତ୍ସାହମୂଳକ ମନୋବୃତ୍ତି ରଖି ସେବା କରନ୍ତୁ, ସେମାନଙ୍କ ମନରେ ସର୍ବଦା ଏହି ଭାବଟି ରହିଥାଉ ଯେ, ନିଜର ଅଫିସରମାନଙ୍କ ସହିତ କିମ୍ବା ଅତିଥିମାନଙ୍କ ଠାରୁ ନିଜ ସେବାର କୌଣସି ପାଉଣା ନେବା ଅନୁଚିତ ଅଟେ । କାରଣ ଆପଣମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସେକାଶେ ଅତିଥିମାନଙ୍କର ସେବା କରୁଛନ୍ତି । ସେହିପରି ଆପଣମାନେ ସେହି ସାହାବି ଓ ତାହାଙ୍କ ପତ୍ନୀଙ୍କ ଆଦର୍ଶକୁ ନିଜ ସମ୍ମୁଖରେ ରଖିବା ଉଚିତ ଯେ, ସେ ନିଜ ସନ୍ତାନମାନଙ୍କୁ ଭୋକିଲା ଶୁଆଇ ଦେଇ ନିଜେ କିଛି ନଖାଇ ନପିଇ ବରଂ ଉପାସ ରହି ଅତିଥିଙ୍କର ଅତିଥିସତ୍କାର କରିଥିଲେ । ସେହି ମହିଳା ଜଣକ ଏଭଳି ପରିପ୍ରକାଶ କଲେ ଯେପରିକି ସେ ନିଜର ଦୀପ ସଜାଡ଼ିବା ଆଳରେ ତାହାକୁ ଲିଭାଇ ଦେଇ ଅତିଥିଙ୍କ ସହିତ ଭୋଜନରେ ସାମିଲ ହୋଇଛନ୍ତି ଏବଂ ପୁନଶ୍ଚ ଅଲ୍ଲାଃତାଲା ତାଙ୍କର ଏହି କାର୍ଯ୍ୟକୁ ଏତେ ପ୍ରଶଂସା ତଥା ପସନ୍ଦ କଲେ ଯେ ଆଁହଜରତ ସ.ଅଙ୍କୁ ମଧ୍ୟ ଉକ୍ତ ଘଟଣାର ସୂଚନା ପ୍ରଦାନ କଲେ ଓ ପରବର୍ତ୍ତୀ ଦିନ ଆପଣ ସ.ଅ ସେହି ସାହାବିଙ୍କୁ କହିଲେ ଯେ ତୁମର ରାତ୍ରର ସେହି ଯୋଜନା ଦ୍ୱାରା ଅଲ୍ଲାଃତାଲା ସ୍ମିତହାସ୍ୟ ପ୍ରକାଶ କରିଛନ୍ତି । ଅଲ୍ଲାଃତାଲା ଏହି କଥା ଦ୍ୱାରା ପ୍ରସନ୍ନ ହେଲେ ଓ ପବିତ୍ର କୁରଆନ କରୀମ୍‌ରେ ମଧ୍ୟ ଏଭଳି ବଳିଦାନକାରୀ ବ୍ୟକ୍ତିଙ୍କର ଚର୍ଚ୍ଚା କରିଦେଇଛନ୍ତି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନରେ କହନ୍ତି ଯେ; "***ଏହି ବଳିଦାନକାରୀମାନେ ଯେଉଁମାନେ ନିଃସ୍ୱାର୍ଥ ପର ହୋଇ ବଳିଦାନ ବା ତ୍ୟାଗ କରନ୍ତି ସେହିମାନେ ହିଁ ସାଫଲ୍ୟ ମଣ୍ଡିତ ହେବେ*** ।"

ଅତଃ ଏପରି ଥିଲା ସାହାବାମାନଙ୍କର ଅତିଥି ସତ୍କାର କରିବାର ଶୈଳୀ । ସେହି ଅତିଥି ସତ୍କାରକ ବ୍ୟକ୍ତିମାନେ ହେଉଛନ୍ତି କେତେ ସୌଭାଗ୍ୟଶାଳୀ ଯେଉଁମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ଅତିଥିମାନଙ୍କର ସେବାର

ଅଧିକାର ସମ୍ପାଦନ କରିବା ପାଇଁ ଉଦ୍ୟମ କରନ୍ତି ଓ ପୁନଶ୍ଚ ଅତିଥିମାନେ ହେଉଛନ୍ତି, ସେହି ଯୁଗାବତାରଙ୍କ ଅତିଥି ଯେଉଁମାନେ ଯୁଗାବତାରଙ୍କ ଆମନ୍ତ୍ରଣ ଯୋଗୁଁ ଜଲସାକୁ ଆସିଥାନ୍ତି ଏବଂ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ କଥା ଶୁଣିବାକୁ ଆସିଥାନ୍ତି । ସେହିମାନେ ହିଁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତିର ମନୋଭାବ ନେଇ ଏଇ ଜଲସାକୁ ଆସିଛନ୍ତି । ଅତଏବ ସୌଭାଗ୍ୟଶାଳୀ ହେଉଛନ୍ତି, ସେହି ସ୍ୱେଚ୍ଛାସେବୀ କର୍ମୀମାନେ ଯେଉଁମାନେ ଧର୍ମ ସକାଶେ ଏହି ଜଲସାରେ ଯୋଗ ଦେଇଥିବା ଅତିଥିମାନଙ୍କର ସେବା କରି ଅଲ୍ଲାଃତାଲାଙ୍କୁ ପ୍ରସନ୍ନ କରିବା ତଥା ପୁଣ୍ୟ ସାଉଁଟିବା ପାଇଁ ଉଦ୍ୟମ କରୁଛନ୍ତି ।

ହୁଜୁର ଅନୱର୍ ଅ.ବ ପୁରୁଷ ସ୍ୱେଚ୍ଛାସେବୀ କର୍ମୀ ଓ ମହିଳା ସ୍ୱେଚ୍ଛାସେବୀ କର୍ମୀମାନଙ୍କ ପ୍ରସଙ୍ଗରେ କହିଲେ : ଯେତେବେଳେ ଏତେ ବିପୁଳ ସଂଖ୍ୟକ ଲୋକ ଓ ବିଭିନ୍ନ ସ୍ୱଭାବର ଲୋକମାନେ ଏକତ୍ରିତ ହୁଅନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ କେତେକ ତୀବ୍ର ସ୍ୱଭାବର ବ୍ୟକ୍ତିମାନେ ମଧ୍ୟ ଥାଆନ୍ତି । ବେଳେବେଳେ ଏହି ତୀବ୍ର ସ୍ୱଭାବର ବ୍ୟକ୍ତିମାନେ ସ୍ୱେଚ୍ଛାସେବୀମାନଙ୍କ ପ୍ରତି କଟୁ ଭାଷା ପ୍ରୟୋଗ କରି ସେମାନଙ୍କୁ କଟାକ୍ଷ ରୂପେ ସମ୍ବୋଧିତ କରନ୍ତି କିମ୍ବା କୌଣସି ବସ୍ତୁର ଦାବି କରନ୍ତି । କିନ୍ତୁ ଜଣେ ସ୍ୱେଚ୍ଛାସେବୀ କର୍ମୀର ଦାୟିତ୍ୱ ଯେ, ସେ କୌଣସି ଅତିଥିଙ୍କ ପ୍ରତି କଟୁ ଭାଷାର ପ୍ରୟୋଗ ନକରୁ । ବରଂ ସ୍ମିତ ହାସ୍ୟତା ପ୍ରକାଶ କରି ଓ ବିନମ୍ରତା ପ୍ରଦର୍ଶନ କରି ସେମାନଙ୍କୁ ସାନ୍ତ୍ୱନାମୂଳକ ଉତ୍ତର ଦେବା ଉଚିତ । ଯଦି ଅତିଥିମାନଙ୍କର ଆବଶ୍ୟକତାକୁ ଆପଣମାନେ ପୂରଣ କରିପାରୁଛନ୍ତି ତେବେ ଅବଶ୍ୟ କରନ୍ତୁ। ଅନ୍ୟଥା ସେମାନଙ୍କୁ ବିନୀତ ଢଙ୍ଗରେ ଓ ପ୍ରେମ ଉତ୍ତର ଦ୍ୱାରା କ୍ଷମା ମାଗି ନିଅନ୍ତୁ ଯେ, ଆଜ୍ଞା ମୁଁ ଆପଣଙ୍କର ଏହି ଆବଶ୍ୟକତାକୁ ପୂରଣ କରିପାରିବି ନାହିଁ ଅଥବା ନିଜର ଉପରିସ୍ଥ ଅଫିସରଙ୍କ ନିକଟକୁ ନେଇ ଯାଆନ୍ତୁ ଯିଏ ଅତିଥିଙ୍କ ସମସ୍ୟାର ସମାଧାନ କରିପାରିବେ । ବେଳେବେଳେ ସେହି କାର୍ଯ୍ୟଟି ଅତ୍ୟନ୍ତ କଷ୍ଟକର ହୋଇଥାଏ । କିନ୍ତୁ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିବା ପାଇଁ ଏହି କାର୍ଯ୍ୟ କରିବା ଉଚିତ । ନିଜର ସ୍ପଷ୍ଟ ବଚନ ଓ ତୁଣ୍ଡକୁ ନିଜ ଆୟତ୍ତାଧୀନ ରଖିବା ଉଚିତ୍ । ଏହିପରି ଭାବରେ ପରସ୍ପର ମଧ୍ୟରେ ମଧ୍ୟ କର୍ମୀମାନେ ନିଜର ତୁଣ୍ଡକୁ ନମ୍ର ରଖନ୍ତୁ ।

ଅଫିସରମାନେ ଏବଂ ନିରୀକ୍ଷକମାନେ ମଧ୍ୟ ନିଜର ସ୍ୱେଚ୍ଛାକୃତ କର୍ମୀମାନଙ୍କ ପ୍ରତି ବିନମ୍ରତାମୂଳକ ଭାଷା ଅର୍ଥାତ ବଚନରେ ବାର୍ତ୍ତାଳାପ କରନ୍ତୁ, ଯଦି କୌଣସି ବ୍ୟକ୍ତି ଠାରୁ କିଛି ତ୍ରୁଟି ହୋଇଯାଏ ତେବେ ସେ କ୍ଷେତ୍ରରେ ତା'କୁ ଅତ୍ୟନ୍ତ ପ୍ରେମ ସହକାରେ ବୁଝାଇ ଦିଅନ୍ତୁ । ଅଫିସରମାନଙ୍କୁ ମଧ୍ୟ ଏହି କଥା ସ୍ମରଣ ରଖିବା ଉଚିତ ଯେ ଏହି ସ୍ୱେଚ୍ଛାସେବୀମାନେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ହ. ମସିହ୍ ମଉଦ ଅ.ସଙ୍କ ଅତିଥିଙ୍କ ସେବା କରିବା ପାଇଁ ଆସିଛନ୍ତି ଏବଂ ଏମାନେ ଏହି ବିଶେଷ ବିଭାଗରେ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀ ହିସାବରେ କାର୍ଯ୍ୟ ମଧ୍ୟ କରି ନାହାନ୍ତି କିନ୍ତୁ ସେମାନେ ସେବା ମନୋବୃତ୍ତି ରଖି ନିଃସ୍ୱାର୍ଥପର ହୋଇ ସେବା ସମ୍ପାଦନ କରୁଛନ୍ତି । ତେଣୁ ଏହି ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ସମ୍ମାନିତ କରାଯିବା ଉଚିତ୍ । ଅଲ୍ଲାଃତାଲା ସମସ୍ତଙ୍କୁ ପରସ୍ପର ମଧ୍ୟରେ ମିଳିମିଶି କାର୍ଯ୍ୟ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ଏହି ମନୋଭାବ ସେତେବେଳେ ହିଁ ଜାତ ହେବ ଯେତେବେଳେ ଅଫିସରମାନେ ଓ ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ଏହି କଥାର ଅବବୋଧ ହେବ ଯେ, ଆମେମାନେ ସେବା ଏବଂ ତ୍ୟାଗପୂତ ମନୋଭାବ ନେଇ ସେବା ସମ୍ପାଦନ କରିବା । ବିଭିନ୍ନ ବିଭାଗରେ ଯେଉଁ ଅଫିସରମାନେ ନିଯୁକ୍ତ ହୋଇଛନ୍ତି ଏବଂ ସେମାନଙ୍କୁ ଯେଉଁ ଦାୟିତ୍ୱ ଦିଆଯାଇଛି ସେମାନେ ମଧ୍ୟ ସର୍ବଦା ସ୍ମରଣ ରଖନ୍ତୁ ଯେ, ଅଲ୍ଲାଃତାଲାଙ୍କ କୃପାରୁ ସେମାନଙ୍କୁ ସେବା କରିବାର ସୁଯୋଗ ମିଳୁଅଛି, ସେମାନେ ଅଫିସର ନୁହନ୍ତି ବରଂ ସେବକ ହୋଇ ନିଜର ଦାୟିତ୍ୱ ସମ୍ପାଦନ କରନ୍ତୁ, ନିଜର ସର୍ବୋଚ୍ଚ ବିନମ୍ରତାମୂଳ ଆଚରଣ ତଥା ଆଦର୍ଶ ପ୍ରଦର୍ଶନ କରନ୍ତୁ । ତାହାହେଲେ ଉପରିସ୍ଥ ଅଧିକାରୀମାନେ ଅଧୀନସ୍ଥ ଓ ସ୍ୱେଚ୍ଛାସେବୀମାନାଙ୍କ ପାଇଁ ଉତ୍ତମ ଆଚରଣ ଓ ଆଦର୍ଶ ପାଲଟିଯିବେ । ଅଲ୍ଲାଃତାଲା ସମସ୍ତଙ୍କୁ ଏଥି ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ହ. ମସିହ୍ ମଉଦ ଅ.ସ ଅତିଥିମାନଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ସଂପର୍କରେ ଅନେକ ଅବସରର ଉପଦେଶ ଦେଇଛନ୍ତି । ତନ୍ମଧ୍ୟରୁ ଏକ ଅବସରର ଆପଣ ଅ.ସ କହିଲେ, ଦେଖ ଅନେକ ଅତିଥିମାନେ ଆସିଛନ୍ତି, ତନ୍ମଧ୍ୟରୁ କେତେକ ଅତିଥିଙ୍କୁ ତୁମେମାନେ ଚିହ୍ନିଛ ଓ ଆଉ କେତେକଙ୍କୁ ତୁମେମାନେ ଚିହ୍ନି ନାହିଁ । ତେଣୁ ତୁମ ପକ୍ଷେ ଏହା ଉଚିତ ହେବ ଯେ, ତୁମେମାନେ ସମସ୍ତ ଅତିଥିଙ୍କୁ ଗୋଟିଏ ଦୃଷ୍ଟିରେ ହିଁ ଦେଖ ଏବଂ ସମସ୍ତଙ୍କୁ ସମ୍ମାନସ୍ପଦ ଜାଣି ସେମାନଙ୍କର ଅତିଥି ସେବା କର । ଅତଏବ୍ ଏହି ନିୟମକୁ ସର୍ବଦା ପ୍ରତ୍ୟେକ କର୍ମଚାରୀଙ୍କୁ ନିଜ ଦୃଷ୍ଟିରେ ରଖିବା ଉଚିତ୍। ବିଶେଷ କରି ସେହି କର୍ମଚାରୀମାନଙ୍କୁ ଯେଉଁମାନେ ସିଧା ସଳଖ ଅତିଥିମାନଙ୍କ ସଂସ୍ପର୍ଶରେ ଆସୁଛନ୍ତି । ସେହି ବିଶେଷ କର୍ମଚାରୀମାନେ ହେଲେ ଅତିଥି ସତ୍କାରକ ବିଭାଗର କର୍ମଚାରୀମାନେ ଓ ଆହାର ବଣ୍ଟନ କେନ୍ଦ୍ରରେ ଆହାର ବାଣ୍ଟୁଥିବା ଓ ଖାଦ୍ୟ ପରଷୁଥିବା କର୍ମଚାରୀମାନେ । ତେଣୁ ଏମାନେ ଏହି କଥାକୁ କଡ଼ାକଡ଼ି ରୂପେ ପାଳନ କରନ୍ତୁ ।

ଅତିଥିମାନଙ୍କୁ ଭୋଜନ କରାଇବା ସଂକ୍ରାନ୍ତୀୟ ବିଭିନ୍ନ ସାମଗ୍ରିକ ଉପଦେଶ ଦେବା ପରେ ହୁଜୁର ଅନୱର ଅ.ବ କହିଲେ : ଉତ୍ତମ ଆଚରଣ ପ୍ରଦର୍ଶନ କେବଳ କର୍ମଚାରୀମାନଙ୍କ କାର୍ଯ୍ୟ ନୁହେଁ ବରଂ ପ୍ରତ୍ୟେକ ବ୍ୟକ୍ତି ଯିଏ ଉକ୍ତ ଜଲସାରେ ସାମିଲ ହେଉଛି ତାହାର ମଧ୍ୟ ଏହି କର୍ତ୍ତବ୍ୟ ରହିଛି ଯେ, ସେ ଅନ୍ୟମାନଙ୍କ ପ୍ରତି ଉତ୍ତମ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରୁ । ହ. ମସିହ୍ ମଉଦ ଅ.ସ ଜଲସାରେ ସାମିଲ ହେଉଥିବା ଲୋକମାନଙ୍କୁ ମଧ୍ୟ କହିଲେ ଯେ, "ଆପଣମାନେ ଉତ୍ତମ ଆଚରଣ ପ୍ରଦର୍ଶନ କରନ୍ତୁ ଏବଂ ପରସ୍ପର ପ୍ରତି ଯତ୍ନବାନ ହୁଅନ୍ତୁ । ପ୍ରତ୍ୟେକ ବ୍ୟକ୍ତି ଯିଏ ଉକ୍ତ ଜଲସାରେ ସାମିଲ ହେଉଛି ସେ ସର୍ବଦା ଏହି କଥାକୁ ନିଜ ସମ୍ମୁଖରେ ରଖୁ କି ସେ ଏହି ଜଲସାରେ ଏଇଥିପାଇଁ ସାମିଲ ହୋଇଛି ଯେ ଧାର୍ମିକ, ଶୈକ୍ଷିକ ଓ ଆଧ୍ୟାତ୍ମିକ ତୃଷ୍ଣାକୁ ମେଣ୍ଟାଇ ପାରିବ ଏବଂ ଏହାର ପ୍ରାପ୍ତି ନିମନ୍ତେ ହ. ମସିହ୍ ମଉଦ ଅ.ସଙ୍କ ଦ୍ୱାରା ପ୍ରଦତ୍ତ ଏହି କଥାକୁ ସର୍ବଦା ନିଜ ଦୃଷ୍ଟି ସମ୍ମୁଖରେ ରଖୁ ଯେ ଉକ୍ତ ଜଲସାଟି କେବଳ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତିର ଜଲସା ଅଟେ । ତେଣୁ କେବେବି ସାମନ୍ୟ କଥାକୁ କେନ୍ଦ୍ର କରି କୌଣସି ପ୍ରକାରର ଅଶାନ୍ତି, ବିଦ୍ୱେଷାଭାବ, ବୈରାଗ୍ୟ ଭାବ ପ୍ରଦର୍ଶନ କରିବା ତଥା ବିଶୃଙ୍ଖଳା ସୃଷ୍ଟି କରିବା ଅନୁଚିତ ଅଟେ । କର୍ମଚାରୀମାନେ ମଧ୍ୟ ଜଣେ ଜଣେ ମଣିଷ ଅଟନ୍ତି । ଯଦି କର୍ମଚାରୀମାନଙ୍କ ଦ୍ୱାରା କୌଣସି ତ୍ରୁଟି ସମ୍ପାଦିତ ହୋଇଯାଏ ତେବେ ତାହାକୁ ଅଣଦେଖା କରିବା ଉଚିତ । ଅତଏବ ସର୍ବଦା ଏହି ଦିନମାନଙ୍କରେ ଏହି କଥାକୁ ବିଶେଷ ରୂପେ ସ୍ମରଣ ରଖନ୍ତୁ ।

ଏକ ଅବସରରେ ଆଁହଜରତ ସ.ଅ କହିଲେ : ***"ତୁମେମାନେ ଏହି ଦୁଆ କର ଯେ ହେ ଅଲ୍ଲାଃ ! ଆମେମାନେ ଏହି ଯାତ୍ରାରେ ତୁମ୍ଭ ଠାରୁ ପୁଣ୍ୟ ଓ ଧର୍ମପରାୟଣତା ଭିକ୍ଷା କରୁ । ତୁମ୍ଭେ ଆମେକୁ ଏଭଳି ପୁଣ୍ୟକର୍ମ ସମ୍ପାଦନ କରିବାକୁ ସାମର୍ଥ୍ୟ ପ୍ରଦାନ କର ଯାହା ତୁମ୍ଭକୁ ପସନ୍ଦ ଥିବ । ତେଣୁ ଯେତେବେଳେ ଆମେମାନେ ଏପରି ଦୁଆ କରୁଥିବା ସେତେବେଳେ ଅଲ୍ଲାଃତାଲା ଆମଠାରେ ଅବସ୍ଥାପିତ ହୋଇ ଆମ ଯାତ୍ରାକୁ ମଧ୍ୟ ମଙ୍ଗଳମୟ କରିଦେବେ ।***" ହୁଜୁର ଅନୱର ଅ.ବ କହିଲେ : ସୁତରାଂ ଆପଣମାନେ ଏହି ଦିନଗୁଡ଼ିକୁ ଦୁଆ ଏବଂ ଈଶ୍ୱର ଚର୍ଚ୍ଚା ଦ୍ୱାରା ପରିପୂର୍ଣ୍ଣ କରିବା ପାଇଁ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ଆଁହଜରତ ସ.ଅ ତ' ଆମମାନଙ୍କୁ ପ୍ରତ୍ୟେକ ଅବସରରେ ଏହି ଦୁଆର ଶିକ୍ଷା ଦେଇଛନ୍ତି, କେତେକ ବ୍ୟକ୍ତିମାନେ ନିଜ ଗୃହକୁ ପରିତ୍ୟାଗ କରି ଜଲସାର କଲ୍ୟାଣ ଦ୍ୱାରା ଉପକୃତ ହେବା ପାଇଁ ଆସିଛନ୍ତି । ସେମାନେ ନିଜ ପରିବାର ପାଇଁ ଅବଶ୍ୟ ଚିନ୍ତିତ ଥିବେ । ତେବେ ସେ ଯାହା ହେଉ ନା କାହିଁକି ଆଁହଜରତ ସ.ଅ କହିଲେ ତୁମେମାନେ ଏହି ଦୁଆ କର ଯେ, "***ହେ ଆମର ପ୍ରଭୁ ! ମୁଁ ଯାତ୍ରାର କ୍ଲିଷ୍ଟତା ଠାରୁ ତୁମର ଶରଣ ଭିକ୍ଷା କରୁଛି, ସେହିପରି ମୁଁ ଅପ୍ରୀତିକର ତଥା ବିଚଳିତ କରିଦେଉଥିବା ଦୃଶ୍ୟ ଠାରୁ ମଧ୍ୟ ତୁମର ଶରଣ ଭିକ୍ଷା କୁରୁଛି, ପୁନଶ୍ଚ ସେହିପରି ଧନ, ପରିବାର ଏବଂ ସନ୍ତାନସନ୍ତତି କ୍ଷେତ୍ରରେ କୁପରିଣାମ ମିଳିବା ଆଦି ଅପ୍ରୀତିକର ପ୍ରସଙ୍ଗରୁ ମଧ୍ୟ ମୁଁ ତୁମର ଶରଣ ଭିକ୍ଷା କରୁଛି*** ।" ଏହି ଦୁଆଟି ଅତ୍ୟନ୍ତ ସାମଗ୍ରିକମୂଳକ ଦୁଆ ଅଟେ । ତେଣୁ ଯାତ୍ରା କରିବା ସମୟରେ ନିଜକୁ ଓ ନିଜର ପରିବାରବର୍ଗଙ୍କୁ ପ୍ରତ୍ୟେକ ପ୍ରକାରର ଅନିଷ୍ଟତା ଠାରୁ ନିରାପଦ ଓ ସୁରକ୍ଷିତ ରଖିବା ପାଇଁ ଏହି ଦୁଆଟି ଆବୃତ୍ତି କରିବା ଉଚିତ । ଏହିଭଳି ଚିନ୍ତାଧାରା ଏବଂ ଏଭଳି ଦୁଆ ଦ୍ୱାରା ନିଜର ତୁଣ୍ଡକୁ ଆଦ୍ର କରି ରଖି ଯେତେବେଳେ ଏଠାରେ ଉଭୟ ମହିଳା ଓ ପୁରୁଷମାନେ ବିଚରଣ କରୁଥିବେ ସେତେବେଳେ ପୁନଶ୍ଚ ଯେଉଁଠି ଏଭଳି ଶାନ୍ତିପୂର୍ଣ୍ଣ ବାତାବରଣ ଥିବ, ମନକୁ ଶାନ୍ତି ପ୍ରଦାନକାରୀ ସମ୍ବଳ ଉପଲବ୍ଧ ହେଉଥିବ ସେ କ୍ଷେତ୍ରରେ ଅଲ୍ଲାଃତାଲା ପ୍ରତ୍ୟେକ ଖରାପ ଦୃଶ୍ୟ ଠାରୁ ଅବଶ୍ୟ ନିଜକୁ ସୁରକ୍ଷିତ ରଖିବେ । ଆଜିକାଲି କୋଭିଡ଼ ଯୋଗୁଁ ଚିନ୍ତିତ ହେବାକୁ ମଧ୍ୟ ପଡୁଛି । ତେଣୁ ଦୁଆ କରିବା ପ୍ରତି ବିଶେଷ ରୂପେ ଆପଣମାନେ ଧ୍ୟାନ ଦିଅନ୍ତୁ, ସାମୂହିକ ଦୁଆ ସହିତ ଏହି ଦିନଗୁଡ଼ିକରେ ଦୁରୁଦ୍ ଶରୀଫ୍ ବିଶେଷ ରୂପେ ପଢନ୍ତୁ । ଅଲ୍ଲାଃତାଲା ଉକ୍ତ ଜଲସାରେ ସାମିଲ ହେବାକୁ ଥିବା ପ୍ରତ୍ୟେକ ମହିଳା ଓ ପୁରୁଷମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । ଆମିନ୍ ।

---

**ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଈନୁହୁ ୱନସ୍‌ତଗ୍‌ଫିରୁହୁ ୱନୁମିନୁ ବିହି ୱନତୱକ୍‌କଲୁ ଅଲୈ ୱ ନଉଜୁ ବିଲ୍ଲାହି ମିନ୍ ଶୁରୁରି ଅନ୍‌ଫୁସିନା ୱମିନ୍ ସଈଆତି ଆମାଲିନା ମଇଁ ୟହ୍‌ଦିହିଲ୍ଲାହୁ ଫଲା ମୁଜ଼ିଲ୍ଲା ଲହୁ ୱମଇଁ ୟୁଜ଼୍‌ଲିଲ୍‌ହୁ ଫଲା ହାଦିୟା ଲହୁ ୱନଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହିମକୁମୁଲ୍ଲାହି ଇନ୍ନଲ୍ଲାହା ୟାମୁରୁ ବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜ଼ିଲ୍ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜ଼ୁକୁମ୍ ଲାଅଲ୍‌ଲକୁମ୍ ତଜ଼କ୍ କରୁନା ଉଯ୍‌କୁରୁଲ୍ଲାହ୍ ୟଜ଼୍‌କୁରୁକୁମ୍ ୱଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ୱଲଜ଼ିକ୍‌ରୁଲ୍ଲାହି ଅକ୍‌ବର୍।**

.....................................

**KHULASA KHUTBA JUMA HUZOOR ANWAR a.b.a**

**5th Aug 2022**